## ସଂକ୍ଷେପରେ

### ୪ର୍ଥ ସତ୍ୟ ସନାତନ ଧର୍ମ ସମ୍ମିଳନୀ

ତାଳଚେର,୪।୧୨(ନି.ପ୍ର.): ତାଳଚେର ଥର୍ମାଲ ନିକଟସ୍ଥ ସାପ୍ତାହିକ ହାଟଠାରେ ଓଡ଼ିଶା ସତ୍ୟ ସନାତନ ପ୍ରଜା ସମିତି ଆନୁକୂଲ୍ୟରେ ରବିବାର ୪ର୍ଥ ବିଶାଳ ସତ୍ୟ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସତ୍ୟ ସନାତନ ପ୍ରଜା ସମିତି ରାଜ୍ୟ ସଭାପତି ଦେବାଶିଷ ହୋତା, ଦିଲ୍ଲେଶ୍ୱରାନନ୍ଦ ଏହି ସମ୍ମିଳନୀରେ ଉପସ୍ଥିତ ରହି ପରମାତ୍ମାଙ୍କ ସାନ୍ନିଧ ଲାଭ କରିବାର ପ୍ରକୃତ ମାର୍ଗ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

### ଦେଶୀ ମହୁଲି ମଦ ଜବତ, ଜଣେ ଗିରଫ



ଛେଣ୍ଡିପଦା,୪।୧୨(ସ୍ୱ.ପ୍ର): ଅନୁଗୋଳ ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ୨ନଂ. ଅବକାରୀ ଥାନା ପକ୍ଷରୁ ରବିବାର ଛେଣ୍ଡିପଦା ଥାନା ବାଗଡିଆ ରଥ ସାହିରେ ଚଢ଼ାଉ କରାଯାଇ ୩୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହିତ ୨୩୦ କି.ଗ୍ରା. ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ରଞ୍ଜୁଲତା ବେହେରାଙ୍କୁ ଗିରଫ କରାଯାଇଛି। ଅନୁଗୋଳ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ। ଏ ନେଇ ଅନୁଗୋଳ ୨ ନଂ. ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ରଞ୍ଜୁଲତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ନିଃଶୁଳ୍କ ସେବା ନ ପାଇ ନିରାଶ

- ରୋଗୀ ସଂଖ୍ୟା ଅନୁଯାୟୀ ହେଉନି ଅଲଟ୍ରାସାଉଣ୍ଡ
- ଘରୋଇ କ୍ଲିନିକ ଯାଇ ହେଉଛନ୍ତି ଶୋଷଣର ଶିକାର
- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା

ଅନୁଗୋଳ ଅଫିସ, ୪।୧୨



ପ୍ରଥମେ ପଞ୍ଜୀକରଣ। ପରେ ଧାଡ଼ିରେ ଛିଡ଼ା ହୋଇ କେଇ ଘଣ୍ଟାର ପ୍ରତୀକ୍ଷା। ଆଉ ଶେଷରେ ଯନ୍ତ୍ରଣା ଜର୍ଜରିତ ଶରୀର ସହ ହତାଶରେ ଫେରୁବାକୁ ପଡୁଛି ଅନେକେ ରୋଗୀଙ୍କୁ।

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳିବ ନିଃଶୁଳ୍କ ସେବା। ଉତ୍ତମ ଚିକିତ୍ସା ପାଇ ଉପକୃତ ହେବେ ଗରିବ ରୋଗୀ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ସରକାରୀ ଯୋଜନାର ଲାଭ ନେବା ପାଇଁ ସଚେତନ କରାଯାଉଛି। ହେଲେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଡାକ୍ତର, କର୍ମଚାରୀଙ୍କ ସହିତ ଆବଶ୍ୟକ ଯନ୍ତ୍ରାଂଶର ଅଭାବ ଏଠାରେ ରୋଗୀ ସେବାକୁ ବିପର୍ଯ୍ୟସ୍ତ କରିଦେଇଛି। ବିଶେଷକରି ଅଲଟ୍ରାସାଉଣ୍ଡ ପାଇଁ ଦୈନିକ ୫୦ରୁ ଅଧିକ ଗର୍ଭବତୀ ଓ ରୋଗୀ ପ୍ରତୀକ୍ଷା କରୁଥିଲେ ମଧ୍ୟ ଅର୍ଦ୍ଧେକଙ୍କୁ ବିନା ପରୀକ୍ଷାରେ ଫେରିବାକୁ ପଡୁଛି। ଗୋଟିଏ ମେଶିନକୁ ଜଣେ ବିଶେଷଜ୍ଞ ଥିବାରୁ ଏହା ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ଫଳରେ ଅନେକ ରୋଗୀ ଏହି ନିଃଶୁଳ୍କ ସେବାର ସୁଯୋଗ ନ ପାଇ ନିରାଶ ହେଉଥିବା ବେଳେ ଘରୋଇ କ୍ଲିନିକ, ନର୍ସିଂହୋମ ଓ ପାଥୋଲୋଜିକୁ ଯାଇ ଆର୍ଥିକ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ୪ଶହରୁ ଅଧିକ ରୋଗୀ ଆସୁଛନ୍ତି। ଅନୁଗୋଳ ସହିତ ପଡ଼ୋଶୀ ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର ଓ ବୌଦ୍ଧ ଜିଲାର ସୀମାନ୍ତ ଅଞ୍ଚଳରୁ ଆସୁଥିବା ଏହି ରୋଗୀମାନଙ୍କ ମଧ୍ୟରୁ ଅନେକଙ୍କ ଅଲଟ୍ରାସାଉଣ୍ଡ ଆବଶ୍ୟକ ପଡୁଛି। ଏମ୍ଆର୍ଆଇ, ସିଟି ସ୍କାନ୍ ସହ ଏହି ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିନା ମୂଲ୍ୟରେ ମିଳୁଥିବାରୁ ଦୈନିକ ଭିଡ଼ ହେଉଛି। ଏହାଛଡ଼ା ବେସରକାରୀ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ବହୁ ରୋଗୀ ମଧ୍ୟ ନିଃଶୁଳ୍କ ସେବାର ସୁବିଧା ନେବାକୁ ଜିଲାର ଏହି ମୁଖ୍ୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ୨୫ରୁ ଊର୍ଦ୍ଧ୍ୱଙ୍କୁ ହତାଶରେ ଫେରିବାକୁ ପଡୁଛି। କାରଣ ମୁଖ୍ୟ ଚିକିତ୍ସାଳୟରେ ମାତ୍ର ଗୋଟିଏ ଅଲଟ୍ରାସାଉଣ୍ଡ ମେଶିନ ରହିଛି। ପ୍ରସୂତି ବିଭାଗରେ ୪ ଜଣ ଡାକ୍ତର ଥିଲେ ବି ଜଣେ ମହିଳା ଡାକ୍ତର ଅଲଟ୍ରାସାଉଣ୍ଡ ମେଶିନ ଚଳାଇବାର ତାଲିମ୍ ନେଇଛନ୍ତି। ଫଳରେ ପଞ୍ଜୀକୃତ ରୋଗୀଙ୍କ ମଧ୍ୟରୁ ମାତ୍ର ୧୫ରୁ ୨୦ ଜଣ ଗର୍ଭବତୀ ଓ ଅନ୍ୟ ରୋଗୀଙ୍କ ଅଲଟ୍ରାସାଉଣ୍ଡ ହୋଇପାରୁଛି। ନିୟମ ଅନୁଯାୟୀ କେବଳ ସୋନୋଲୋଜିଷ୍ଟମାନେ ହିଁ ଅଲଟ୍ରାସାଉଣ୍ଡ ମେଶିନ ଚଳାଇ ପାରିବେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତରଙ୍କୁ ମଧ୍ୟ ଏହି ମେଶିନ୍ ଚଳାଇବା ପାଇଁ ୬ ମାସିଆ ତାଲିମ ଦିଆଯାଇଥାଏ। ମାତ୍ର ଏଠାରେ ଥିବା ୪ ଜଣ ଡାକ୍ତରଙ୍କ ମଧ୍ୟରୁ ୩ ଜଣ ତାଲିମ ନେଇନାହାନ୍ତି। ସେମାନଙ୍କୁ ତାଲିମ୍ ଦେବା ଉପରେ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଅଲଟ୍ରାସାଉଣ୍ଡ କରି ନ ପାରି ଫେରୁଥିବା ଗରିବ ରୋଗୀମାନେ ଘରୋଇ ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ଯାଇ ୮ଶହରୁ ୯ଶହ ଟଙ୍କା ଦେଇ ଆର୍ଥିକ ଶୋଷଣର ଶିକାର ହେଉଥିବା ଦେଖାଯାଉଛି। ଜିଲା ଖଣିଜ ପାଣ୍ଠିରେ ପର୍ଯ୍ୟାପ୍ତ ଟଙ୍କା ରହିଛି। ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ଡିଏମ୍ଏଫ୍ ଟଙ୍କା ଖର୍ଚ୍ଚ କରିବାକୁ ଜିଲା ପ୍ରଶାସନ ସର୍ବଦା ପ୍ରସ୍ତୁତ ଅଛି। ମାତ୍ର ଅଲଟ୍ରାସାଉଣ୍ଡ ସେବାକୁ ବ୍ୟାପକ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ଡିଏମ୍ଏଫ୍ରୁ ଅଧିକ ଆଉଭାନ୍ସ ଅଲଟ୍ରାସାଉଣ୍ଡ ମେଶିନ ସହିତ ସୋନୋଲୋଜିଷ୍ଟଙ୍କୁ ନିଯୁକ୍ତି ଦିଆଗଲେ ଅଧିକ ରୋଗୀ ଉପକୃତ ହୋଇପାନ୍ତେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

### କ୍ଷମତା ବଢ଼ାଇବାକୁ ଉଦ୍ୟମ ଚାଲିଛି



ଜିଲା ଖଣିଜ ପାଣ୍ଠି ଅର୍ଥରୁ ଆଡଭାନ୍ସ ଅଲଟ୍ରାସାଉଣ୍ଡ ମେଶିନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବରେ ଜିଲାପାଳ ମଧ ସହମତ ହୋଇଛନ୍ତି। ଜଣେ ସୋନୋଲୋଜିଷ୍ଟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣି ଦୈନିକ ଅଲଟ୍ରାସାଉଣ୍ଡ କ୍ଷମତା ବଢ଼ାଇବାକୁ ଉଦ୍ୟମ ଚାଲିଛି।

-ଡା. ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅନୁଗୋଳ

### ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଗୀ



ଜିଲାର ମୁଖ୍ୟ ଚିକିତ୍ସାଳୟ ହୋଇଥିବାରୁ ଭଲ ଡାକ୍ତରଙ୍କ ସହ ଆବଶ୍ୟକ ସମସ୍ତ ସୁବିଧା ଏଠାରେ ଉପଲବ୍ଧ ବୋଲି ଭାବି ରୋଗୀମାନେ ଏଠାକୁ ଧାଇଁ ଆସୁଛନ୍ତି। ହେଲେ ଅନେକ ବିଭାଗରେ ହାତ ଗଣତି ଡାକ୍ତର ଥିବାବେଳେ ଅଲଟ୍ରାସାଉଣ୍ଡ ସେବାରେ ଏପରି ଅବ୍ୟବସ୍ଥା ଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ଲାଭା ଦଳବେହେରା, ଅନୁଗୋଳ

### କଷ୍ଟ ଲାଘବ ହେଉନାହିଁ



କଳେବରରେ ଅନେକ ପରିବର୍ତ୍ତନ ହୋଇଛି। ହେଲେ ଚିକିତ୍ସା ଭିତ୍ତିଭୂମି ଏଯାଏ ମଜଭୁତ ହୋଇପାରି ନାହିଁ। ବିଭିନ୍ନ ବିଭାଗରେ ଥିବା ଚିକିତ୍ସା ଉପକରଣର ଅଭାବ ପୂରଣ କରାଯାଉ ନ ଥିବାରୁ ଦୂର ଦୂରାନ୍ତରୁ ଉନ୍ନତ ଚିକିତ୍ସା ଆଶାରେ ଆସୁଥିବା ରୋଗୀଙ୍କ କଷ୍ଟ ଲାଘବ ହୋଇପାରୁ ନାହିଁ।

-ରଙ୍ଗିତା ଶାହା, ଅନୁଗୋଳ

### କର୍ତ୍ତୃପକ୍ଷଙ୍କ ଆଗ୍ରହର ଅଭାବ ରହିଛି



ଅନୁଗୋଳ ଜିଲାରେ ଅର୍ଥର ଅଭାବ ନାହିଁ। ପ୍ରଶାସନ ଚାହିଁଲେ ବହୁ ଅତ୍ୟାଧୁନିକ ଚିକିତ୍ସା ଉପକରଣ କିଣି ପାରିବେ। ହେଲେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ଦିଗରେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଆଗ୍ରହର ଅଭାବ ରହିଛି। ଏହି କାରଣରୁ ଦୈନିକ କେତେଜଣ ରୋଗୀଙ୍କୁ ନିରାଶ ହୋଇ ମେଡିକାଲରୁ ଘରକୁ ଫେରିବାକୁ ପଡୁଛି।

-ଦିବ୍ୟରଞ୍ଜନ ଦାସ, ଅନୁଗୋଳ

## ଗୁହାଳ ଘରେ ଯୁବକଙ୍କ ମୃତଦେହ

**ମାରଣାସ୍ତ୍ର ଜବତ, ଅଭିଯୁକ୍ତ ଗିରଫ**

କଣିହାଁ,୪।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ଥାନା ଖଜୁରିଆ ଅଞ୍ଚଳର ଜଣେ ଯୁବକଙ୍କୁ ଶନିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଖଜୁରିଆ ଗ୍ରାମର ମଦନ ଗଡ଼ନାୟକଙ୍କ ପୁଅ ମିଲି ଗଡ଼ନାୟକ। ରବିବାର ମଦନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୨୯/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ଖଜୁରିଆ ଗ୍ରାମର ନୂଆଁସାହିର ବିପିନ ଗଡ଼ନାଏକ (୩୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର, ହାମର ଏବଂ ଠେଙ୍ଗା ଜବତ କରିଛି। ପୋଲିସ କହିଛି, ରବିବାର ସକାଳେ ମଦନଙ୍କୁ ଅଭିଯୁକ୍ତଙ୍କ ସ୍ତ୍ରୀ ଫୋନ କରି ତାଙ୍କ ଗୁହାଳ ଘର ଖଟରେ ମିଲିଙ୍କ ମୃତଦେହ ପଡ଼ିଥିବା ଜଣାଇଥିଲେ। ଖବରପାଇ ମଦନ ଘଟଣାସ୍ଥଳରେ ପହଞ୍ଚି ପୁଅର ନାକ ଓ ଗାଲରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାଧିକାରୀ କିଶୋର ସାମଲ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି। ଏଥିରେ ବ୍ୟବହୃତ ହାମର ଅଭିଯୁକ୍ତଙ୍କ ଘରୁ ଜବତ ହୋଇଥିବାବେଳେ ଟାକୁଆ ଟିକିରା ନଦୀକୂଳରୁ ଠେଙ୍ଗା ଜବତ ହୋଇଛି।



ଗିରଫ ଅଭିଯୁକ୍ତ ଓ ଜବତ ହୋଇଥିବା ହାମର, ଠେଙ୍ଗା।

## ଜେଏସ୍‌ପି ଫାଉଣ୍ଡେଶନର ପଦକ୍ଷେପକୁ ପ୍ରଶଂସା




**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ**

ଅନୁଗୋଳ ଅଫିସ, ୪।୧୨

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଆଶା ଦି ହୋପ୍ ପକ୍ଷରୁ ଜିଲାର ବେଣାଗଡିଆ ହାଇସ୍କୁଲରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ କରାଯାଇଛି। ଏହି ଅବସରରେ 'ଅନ୍ତର୍ଭୁକ୍ତ ବିକାଶ ପାଇଁ ପରିବର୍ତ୍ତନଶୀଳ ସମାଧାନ: ଏକ ସୁଗମ ତଥା ସମାନ ବିଶ୍ୱକୁ ପ୍ରୋତ୍ସାହିତ କରିବାରେ ଉଦ୍ଭାବନର ଭୂମିକା' ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ଆଶା ଦି ହୋପ୍‌ର ପିଲାମାନଙ୍କ ସହିତ ପ୍ରାୟ ୧୦୦ ଭିନ୍ନକ୍ଷମ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବେଣାଗଡିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଦୁର୍ଯ୍ୟୋଧନ ଦାସ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବା ସହ ଜେଏସ୍‌ପି ଫାଉଣ୍ଡେଶନର ଏହି ନିଆରା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଶିଶୁମାନେ ବିଭିନ୍ନ ଗୀତ, ନୃତ୍ୟ ଆଦି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ଶିଶୁମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଦିନଟିକୁ ସ୍ମରଣୀୟ ଭାବେ ପାଳନ କରିବା ପାଇଁ ବେଣାଗଡିଆ ଗ୍ରାମରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏହି ଅବସରରେ, ଏକ ବିଶେଷ ବାର୍ତ୍ତା ମାଧ୍ୟମରେ ଜେଏସ୍‌ପି ଫାଉଣ୍ଡେଶନର ଅଧକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଭିନ୍ନକ୍ଷମଙ୍କ ସାହସ ଏବଂ ଜୀବନଯାପନ ପାଇଁ ସେମାନଙ୍କ ସଂଗ୍ରାମ ତଥା ପ୍ରତିକୂଳ ପରିସ୍ଥିତିକୁ ଦୂର କରିବାର ଆତ୍ମବିଶ୍ୱାସ ନିମନ୍ତେ ସେମାନଙ୍କୁ ଗଭୀର ସମ୍ମାନ କରୁଛି। ବିଶେଷ ଆବଶ୍ୟକତା ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜେଏସ୍‌ପି ଫାଉଣ୍ଡେଶନ ସହାୟତା ଦେଇଆସୁଛି। ଆଶା ଦି ହୋପ୍ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ବିଶେଷ ଆବଶ୍ୟକତା ଥିବା ନାଗରିକମାନଙ୍କ ପାଇଁ ଏକ ଅନ୍ତର୍ଭୁକ୍ତ ଏବଂ ସମାନ ଭାରତ ଗଠନ ପାଇଁ କାର୍ଯ୍ୟ କରୁଛୁ। ବର୍ତ୍ତମାନ ସୁଧା ଜେଏସ୍‌ପି ପ୍ଲାଣ୍ଟର ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ପ୍ରକଳ୍ପର ପାଶ୍ୱବର୍ତ୍ତୀ ଗ୍ରାମରେ ବସବାସ କରୁଥିବା ୫୦୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିଶୁମାନେ ଆଶା ଦି ହୋପ୍ ମାଧ୍ୟମରେ ଲାଭାନ୍ୱିତ ହେବା ସହ ସମାଜର ମୁଖ୍ୟ ସୋତରେ ସାମିଲ ହୋଇପାରିଥିବା ଫାଉଣ୍ଡେଶନ ଅଧକ୍ଷା ପ୍ରକାଶ କରିଥିଲେ।

## ଏଡ୍‌ସ, ଆଇନ ସମ୍ପର୍କରେ ସଚେତନତା

ଛେଣ୍ଡିପଦା,୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟରେ ତାଲୁକ ଆଇନ ସେବା, ୟୁଥ୍ ରେଡ୍‌କ୍ରସ ଓ ରେଡ୍ ରିବନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅମିତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଛେଣ୍ଡିପଦା ଜେଏମ୍ଏଫ୍‌ସି କୋର୍ଟର ବିଚାରପତି ତନଶ୍ରୀ ରଥ, ତାଲୁକ ଆଇନ ସେବା କମିଟି ଆଇନଜୀବୀ ନଗେନ ନନ୍ଦ, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସିପ୍ରା ସାହୁ, ଏଡ୍‌ସ କାଉନସେଲର ଭୁବନ ମୋହିନୀ ରଥ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏଡ୍‌ସର ନିରାକରଣ ସମ୍ପର୍କରେ ପରାମର୍ଶ ଦେଇଥିଲେ। ତାଲୁକ ଆଇନ ସେବା କମିଟିରେ ଯୋଗ୍ୟବ୍ୟକ୍ତିଙ୍କୁ ସରକାର ବିନା ଖର୍ଚ୍ଚରେ ଆଇନଗତ ପରାମର୍ଶ ଓ ଓକିଲ ଯୋଗାଇ ଦେବା ସହିତ ମକଦ୍ଦମାର ଅନ୍ତିମ ଫଇସଲା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଆଇନଜୀବୀ ନଗେନ ନନ୍ଦ ପ୍ରକାଶ କରିଥିଲ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିସି, ରେଡ୍‌କ୍ରସ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଚାର ବିଭାଗୀୟ ଅଧିକାରୀ ଓ ଆଇନଜୀବୀ।

## ଦାବି ପୂରଣ ନ ହେଲେ ଧାରଣା

ଛେଣ୍ଡିପଦା,୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସରକାରୀ ମିଳିତ ଗଣଶିକ୍ଷକ ମହାସଂଘ ଲେଭଲ( ଭି) ଏକ୍ସ କ୍ୟାଡର ପକ୍ଷରୁ ଶନିବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ୯ ଦଫା ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଗଣ ଶିକ୍ଷକ ମହାସଂଘ ଡାକରାରେ ଛେଣ୍ଡିପଦା ଗଣ ଶିକ୍ଷକ ମହାସଂଘ ସଭାପତି ଆକୁଳ ଦାଶଙ୍କ ନେତୃତ୍ୱରେ ସମ୍ପାଦକ ସୁଶୀଲ କୁମାର ସାହୁ, ଉପଦେଷ୍ଟା ବାଇଧର ସାହୁ, ଅଭିମନ୍ୟୁ ସାହୁ, ଉଦୟନାଥ ପ୍ରଧାନ, ବନଲତା ପ୍ରଧାନ, ସୁଲଚନା ଦେହୁରୀ, ରମେଶ ବାଘ, ସଂଯୁକ୍ତା ସାହୁ, ପଦ୍ମିନୀ ସାହୁ, ବାସନ୍ତୀ ସାହୁ, ରମେଶ ବାଘଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗଣଶିକ୍ଷକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଗଡନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲ। ଦାବି ପୂରଣ ନ ହେଲେ ଆସନ୍ତା ୨୭ ତାରିଖଠାରୁ ଛେଣ୍ଡିପଦା ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାମୂହିକ ଛୁଟିନେଇ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି କଡା ଚେତାବନୀ ଦେଇଥିଲେ।




ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଗରିମା, ମହିମା ପ୍ରଚାର ହେଉ





ବ୍ରାହ୍ମଣୀ ତଟରେ ବନ୍ଦାପନା ଓ ପୂଜାର୍ଚ୍ଚନା।

- ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ଉଦ୍‌ଘାଟିତ
- ହୁଳହୁଳି, ବନ୍ଦାପନା ଓ ଶଙ୍ଖ ନାଦରେ କମ୍ପିଲା ବ୍ରାହ୍ମଣୀ ତଟ

ଢେଙ୍କାନାଳ ଅଫିସ,୪।୧୨

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଓ ଚାଉଳିଆ ପଞ୍ଚାୟତର ବଡ଼ନାଗେନାସ୍ଥିତ ବ୍ରାହ୍ମଣୀ ନଦୀକୂଳରେ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରବିବାର ପ୍ରଥମ ଦିବସରେ ବ୍ରାହ୍ମଣୀ ତଟରେ ସାଧୁସନ୍ଥଙ୍କ ଦ୍ୱାରା ବନ୍ଦାପନା, ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ବମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରଞ୍ଜନ ପ୍ରମୁଖ ଯୋଗଦେଇ ବନ୍ଦାପନା କରିଥିଲେ। ଏହାକୁ ଦେଖିବାକୁ ସହସ୍ରାଧିକ ଲୋକଙ୍କ ସାମାଗମ ହୋଇଥିଲା। ସଂକୀର୍ତ୍ତନ, ଶଙ୍ଖନାଦ ସହିତ ହରିବୋଲ ହୁଳହୁଳିରେ ବ୍ରାହ୍ମଣୀ ତଟ କମ୍ପି ଉଠିଥିଲା। ବନ୍ଦାପନା ସରିବା ପରେ ମନ୍ଦିର ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ, ଏଠାକାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ମହାନ୍। ଏହାକୁ ଉଜ୍ଜୀବିତ କରିବା ପାଇଁ ଏହି ମହୋତ୍ସବର ଆୟୋଜନ କରାଯାଇଛି। ଏଠାରେ ଥିବା ମହାପ୍ରଭୁ ନାଗନାଥେଶ୍ୱରଙ୍କ ମହିମା ଅପାର। ବ୍ରାହ୍ମଣୀ ଆମର ମା'। ଏହା ଆଞ୍ଚଳିକ ଭାବାବେଗ ଓ ଜୀବନ ଜୀବିକା ସହିତ ଜଡିତ ରହିଛି। ତେଣୁ ଏହାର ଗରିମା ଓ ମହିମା ପ୍ରଚାର ହେଉ। ଏହି ମହୋତ୍ସବ ବ୍ୟାପକ ହୋଇ ଅଞ୍ଚଳରେ ଏକ ବିରାଟ ମହୋତ୍ସବର ରୂପ ନେଉ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧକ୍ଷା ରାଜଶ୍ରୀ ନାୟକ, ଉପାଧକ୍ଷା କାଳନ୍ଦୀ ଚରଣ ବାରିକ, ଜିଲା ପରିଷଦ ସଦସ୍ୟା ପୂର୍ଣ୍ଣିମା ଦେହୁରୀ, ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକ, ଚାଉଳିଆ ସରପଞ୍ଚ ବାବୁଲି ରାଉତ ଓ ବଣସିଂହ ସରପଞ୍ଚ ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରତିଭାମାନଙ୍କୁ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରାଜ୍ୟ କଳା ସଂସ୍କୃତି ପରିଷଦ ଉପସଭାପତି ଅବନୀ କୁମାର ମିଶ୍ର ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ପରିଚାଳନା କରିଥିଲେ। ସାମାଜିକ କର୍ମୀ ବିକାଶ ରଥ, ମହୋତ୍ସବ କମିଟି ସମ୍ପାଦକ ଅଶୋକ କୁମାର ପଣ୍ଡା, ସଭାପତି ସୁଦାମ ଚରଣ ବେହେରା ଓ କମିଟି ସଦସ୍ୟମାନେ ପରିଚାଳନାରେ ସହାୟତା କରିଥିଲେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ

ବଇଣ୍ଡା,୪।୧୨(ଡି.ଏନ.ଏ.)- ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ରବିବାର ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ଲଛମନ ପ୍ରଧାନଙ୍କ ଘରୁ ୩୫ ଲିଟର ଦେଶୀ ମହୁଲି ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ସେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

# ସଂକ୍ଷେପରେ

## ମୃତଦେହ ଜବତ, ହତ୍ୟା ଅଭିଯୋଗ

କାମାକ୍ଷାନଗର, ୪।୧୨ (ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ମଠକରଗୋଳା ଆର୍‌ଡି ରାସ୍ତା ଜଡାତଳି ବାଙ୍କ ନିକଟରୁ ରବିବାର ସକାଳେ ପୋଲିସ ବାଲିସାହି ଗ୍ରାମର ସତ୍ୟବ୍ରତ ନାୟକଙ୍କ ମୃତଦେହ ଜବତ କରିଛି। ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଜିରାଳ ମଠକରଗୋଳା ଆର୍‌ଡି ରାସ୍ତା ଜଡାତଳି ବାଙ୍କ ନିକଟରେ ସତ୍ୟବ୍ରତଙ୍କ ମୃତଦେହ ଓ ବାଇକ୍ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ କାମାକ୍ଷାନଗର ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଡାକ୍ତରଖାନାକୁ ଆଣିଥିଲା। ସତ୍ୟବ୍ରତ ଜିରାଳ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ହେଲେ ଯୁବତୀଙ୍କ ପରିବାର ଲୋକେ ଏହାକୁ ବିରୋଧ କରୁଥିଲେ। ଏହାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୬୦/୨୨ରେ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ ଅଭିଯୋଗ କରିଛନ୍ତି।

## ହାତୀ ମୃତଦେହ ଜବତ

ଢେଙ୍କାନାଳ ଅଫିସ,୪।୧୨: ଢେଙ୍କାନାଳ ଜିଲା ଅଭୟାରଣ୍ୟର ଚଟିଘର ଡୋଲପଥର ନାଳରୁ ରବିବାର ବନ ବିଭାଗ ଏକ ମାଖିନା ହାତୀର ମୃତଦେହ ଜବତ କରିଛି। ମୃତ ହାତୀର ବୟସ ପ୍ରାୟ ୨୮ ହେବ ବୋଲି ଜଣାପଡ଼ିଛି। ଶନିବାର ହାତୀଟିର ମୃତ୍ୟୁ ହୋଇଥିବାବେଳେ କାରଣ ଜଣାପଡ଼ିନାହିଁ। ତେବେ ରୋଗଗ୍ରସ୍ତ ହୋଇ ପ୍ରାଣ ହରାଇଥିବା ବନବିଭାଗ ସନ୍ଦେହ କରୁଛି। ଖବରପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ୍ୟ ସଂରକ୍ଷକ ଏମ୍. ଯୋଗାନନ୍ଦମ୍, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନାନି, କପିଳାସ ରେଞ୍ଜର ତରୁଣ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହାତୀ ମୃତଦେହ ବ୍ୟବଚ୍ଛେଦ ସହ କିଛି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଓୟୁଏଟି ଲାବରେଟୋରିକୁ ପଠାଯାଇଛି। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

## ୪ ବଖରା ଜଳିଗଲା

ଅନୁଗୋଳ ଅଫିସ,୪।୧୨: ଅନୁଗୋଳ ଜିଲା ନାଲ୍‌କୋ ଥାନା କୁଲାଡ ମନ୍ଦିର ସାହିରେ ରବିବାର ଅଗ୍ନିକାଣ୍ଡ ଘଟି ଅଶୋକ ଦେହୁରୀଙ୍କ ୪ ବଖରା ଜଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅଗ୍ନିଶମ ବିଭାଗର ଦୁଇଟି ଟିମ୍‌ରେ ଥିବା କର୍ମଚାରୀ ସୁକାନ୍ତ କୁମାର ନାଥ, ପ୍ରଦୀପ ନାୟକ, ମିଶ୍ର କିଷାନ, ରଞ୍ଜିତ ରାଉତ, ଭାନୁ ପ୍ରତାପ ବିଶ୍ୱାଳ, ପ୍ରିୟବ୍ରତ ସାହୁ, ଜଳନ୍ଧର ସ୍ୱାଇଁ, କାହ୍ନୁଚରଣ ବେହେରା ପ୍ରମୁଖ ପହଞ୍ଚି ନିଆଁ ଲିଭାଇଥିଲେ।

## ଭାଉଜଙ୍କୁ ଆକ୍ରମଣ, ଦିଅର ଗିରଫ

ଅନୁଗୋଳ ଅଫିସ,୪।୧୨: ଅନୁଗୋଳ ସଦର ଥାନା ଚନ୍ଦ୍ରବାହାଲ ଗାଁରେ କୁନି ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଦିଅରଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଗାଁର ବୁଲେଶ ପ୍ରଧାନ (୨୫)ଙ୍କ ପରିବାରରେ ଦୀର୍ଘଦିନ ହେଲା ଜମି ବିବାଦ ଲାଗି ରହିଛି। ଏହି ଜମିଜମା ବିବାଦକୁ କେନ୍ଦ୍ର କରି ବୁଲେଶ ଓ ତାଙ୍କ ଭାଉଜ କୁନିଙ୍କ ମଧରେ ଶନିବାର ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବୁଲେଶ ତାଙ୍କ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ରବିବାର କୁନି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିଅରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସଚେତନତା ସମସ୍ୟା ଦୂର କରିପାରିବ



ସେଣ୍ଟ୍ରାଲ ୱାର୍କଶପ୍ କଲୋନୀସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରାରେ ସାମିଲ ସଦସ୍ୟମାନେ।

ତାଳଚେର, ୪।୧୨ (ନି.ପ୍ର.)

ଅନୁଗୋଳ ଜିଲା ତାଳଚେରସ୍ଥିତ ସେଣ୍ଟ ଜନ୍ସ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଜନସଚେତନତା ସୃଷ୍ଟି ନିମନ୍ତେ ଏକ ମୋଟରସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡିଭିଜନ ଆମ୍ବୁଲାନ୍ସ ଅଫିସର ପଞ୍ଚୁ ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସ୍ଥାନୀୟ ସେଣ୍ଟ୍ରାଲ ୱାର୍କଶପ୍ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାକୁ ଜିଏମ୍ ଅପରେଶନ ଏଲ.ପି. ପାତ୍ର ଓ ଶ୍ରମିକ ନେତା ଶଙ୍କର ବେହେରା, ସୁରେନ୍ଦ୍ର କୁମାର ଶର୍ମା, ପ୍ରଦୀପ କୁମାର ସେଠୀ, ସଞ୍ଜୟ ବିଶ୍ୱକର୍ମା, ଗୋକୁଳାନନ୍ଦ ସେଠୀ, ଖଗେଶ୍ୱର ପ୍ରଧାନ ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ଜିଲା ରେଡ୍‌କ୍ରସ କାର୍ଯ୍ୟକାରୀ ସଦସ୍ୟ ବଳରାମ ପତି, ସାମାଜିକ କର୍ମୀ ବିଭୂତି ସାହୁ, ରଞ୍ଜିତ ମହାପାତ୍ର ପ୍ରମୁଖ ଯୋଗଦେଇ ସଚେତନତା ହିଁ ରୋଗ ଦୂର କରିପାରିବ ବୋଲି ପ୍ରକାଶ କରିଥିଲେ। ରଞ୍ଜିତ ସାହୁ, ଅଞ୍ଜନ ଶତପଥୀ, ବିଭୂତି ମହାରଣା, ମାୟାଧର ପ୍ରଧାନ, ପିଣ୍ଟୁ ପ୍ରଧାନ, ସମୀର ପ୍ରଧାନ, ସତ୍ୟବାଦୀ ଭୂତିଆ, ବାବୁମଣି ବିଶ୍ୱାଳ, ବିଦ୍ୟାଧର ପ୍ରଧାନ, ପ୍ରଦୀପ ପ୍ରଧାନ, ସରୋଜ ସାହୁ, ସତ୍ୟ ନାରାୟଣ ପ୍ରଧାନ, ରାଜେନ୍ଦ୍ର ସାହୁ, ରବୀନ୍ଦ୍ର ହାଁସଦା, ସୁଜିତ କୁମାର ସାହୁ, ରବି କୁମାର ସାହାନୀ, ସୁନୀଲ ସାହୁ, ଜିତେନ୍ଦ୍ର କୁମାର ସାମନ୍ତ ପ୍ରମୁଖ ସାମିଲ ହୋଇଥିଲେ।

## ଟ୍ରକ୍ ସହ ଟଙ୍କା ଲୁଟ୍ ମାମଲା, ୪ ଗିରଫ

ଢେଙ୍କାନାଳ ଅଫିସ,୪।୧୨

ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ପିଙ୍ଗୁଆ କେଲଜ ଛକ ନିକଟରୁ ଗତ ୧ ତାରିଖ ରାତିରେ ଏକ ପାଉଁଶ ବୋଝେଇ ଟ୍ରକ୍‌କୁ ଅଟକାଇ ମାଲିକଙ୍କୁ ମାଡମାରି ଟ୍ରକ୍ ସହ ଟଙ୍କା ଲୁଟ୍ ହୋଇଥିଲା। ଏହି ମାମଲାରେ ରବିବାର ନିହାଲପ୍ରସାଦ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଗତ ୧ ତାରିଖ ରାତି ୧୦ଟା ୫୦ରେ ଯାଜପୁର ଜିଲା ଅନନ୍ତକୃଷ୍ଣପୁର ଗ୍ରାମର ବିଶ୍ୱଜିତ ନାୟକ ନିଜର ଟ୍ରକ୍ (ନଂ. ଓଆର୧୯-ଇ-୨୬୨୩)ରେ କଣିହାଁ ଏନ୍‌ଟିପିସିରୁ ପାଉଁଶ ନେଇ ଚଢେଇଧରା ଯାଉଥିଲେ। ପିଙ୍ଗୁଆ କଲେଜ ଛକଠାରେ ୪ ଜଣ ଦୁର୍ବୃତ୍ତ ଟ୍ରକ୍‌କୁ ଅଟକାଇ ମାଲିକଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ଟ୍ରକ୍ ଓ ୭ ହଜାର ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ବିଶ୍ୱଜିତ ନିହାଲପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୩୦।୨୨ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଟ୍ରକ୍, ୫ ମୋବାଇଲ ଓ ୪ ହଜାର ଟଙ୍କା ଜବତ କରିଛି। ଏଥିସହ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।


ଗିରଫ ଅଭିଯୁକ୍ତମାନେ।

## ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ଛେଣ୍ଡିପଦା,୪।୧୨(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ଟେଣ୍ଟୁଲୋଇ କୋଡାସାହି ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଦୀର୍ଘ ୩୧ ବର୍ଷ ଧରି ଶିକ୍ଷାଦାନ କରିଥିବା ସହକାରୀ ଶିକ୍ଷୟିତ୍ରୀ ସୁନନ୍ଦା ବିଶ୍ୱାଳ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ବିଦାୟୀ ସଭାର ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଭବାନୀଶଙ୍କର ପ୍ରସାଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରିୟଙ୍କା ସାହୁ, ସମ୍ମାନିତ ଅତିଥି ଭାବେ ଟେଣ୍ଟୁଲୋଇ ଚାରିସାହିର ସଭାପତି ଗୁଣ୍ଡିଚା ସାହୁ, ସମ୍ପାଦକ କୁନ ସାହୁ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ବେହେରା, ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା, ଶ୍ରୀଧର ସାହୁ, ମାନସ ସାହୁ, ପ୍ରଶାନ୍ତ ସାହୁ, ନିମେଇଁ ମାଝି, କ୍ଷୀରୋଦ ସାହୁ, ବାବୁଲି ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟ ପ୍ରମୁଖ ଯୋଗ ଦେଇ ଶିକ୍ଷୟିତ୍ରୀ ବିଶ୍ୱାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷକ ଅଜୟ କୁମାର ମାଝି ସଭା ପରିଚାଳନା କରିଥିବା ବେଳେ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଅଭିଯୋଗ

ଅନୁଗୋଳ ଅଫିସ,୪।୧୨

ଅନୁଗୋଳ ଜିଲା ତାଳଚେର ତହସିଲ ଅଧୀନରେ ଥିବା ଗୋଡିବନ୍ଧ ରାଜସ୍ୱ ନିରୀକ୍ଷକ (ଆରଆଇ) ସିନ୍ଧୁନନ୍ଦିନୀ ପ୍ରଧାନଙ୍କୁ ଆକ୍ରମଣ ହୋଇଥିବା ତାଳଚେର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୯୨୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଆର୍‌ଆଇ ପ୍ରଧାନ ଗତ ୧ ତାରିଖରେ ଧାନ ଫସଲ ସର୍ଭେ କରିବାକୁ ଯାଉଥିଲେ। ଏହି ସମୟରେ ଧର୍ମପୁର ଗ୍ରାମ ଛକରେ ବାଲି ବୋଝେଇ କରି ଯାଉଥିବା ୨ ଟ୍ରାକ୍ଟରକୁ ଆର୍‌ଆଇ ଅଟକାଇ ଯାଞ୍ଚ କରିବାରୁ ଚୋରାରେ ବାଲି ଚାଲାଣ ହେଉଥିବା ଆର୍‌ଆଇ ଜାଣିବାକୁ ପାଇଥିଲେ। ଏହାପରେ ଗାଡି ମାଲିକଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ଆର୍‌ଆଇଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଗାଡି ନେଇ ଚାଲିଯାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବସନ୍ତ ସଭାପତି, ହୃଦାନନ୍ଦ ସମ୍ପାଦକ


ଜିଲା ଲେଖକ ସଂସଦ ନିର୍ବାଚନରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ,୪।୧୨

**ଢେଙ୍କାନାଳ ଜିଲା ଲେଖକ ସଂସଦ ନିର୍ବାଚନ**

ଢେଙ୍କାନାଳ ଜିଲା ଲେଖକ ସଂସଦର କର୍ମକର୍ତ୍ତା ନିର୍ବାଚନ ରବିବାର ସଂସଦର ଶାଣ୍ଡିଲ୍ୟ ବସନ୍ତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ସଭାପତି ଭାବେ ବସନ୍ତ କୁମାର ପଟ୍ଟନାୟକ, ଉପସଭାପତି ଭାବେ ସାରଙ୍ଗଧର ମିଶ୍ର, ଶୁଭେନ୍ଦୁ କୁମାର ମହାପାତ୍ର, ସମ୍ପାଦକ ଭାବେ ହୃଦାନନ୍ଦ ଦ୍ୱିବେଦୀ, ପରିଚାଳନା ସମ୍ପାଦକ ଭାବେ ବୈଜୟନ୍ତୀ ପଟ୍ଟନାୟକ, ସହ ସମ୍ପାଦକ ଭାବେ ଉପମା ସାମଲ, ବୈକୁଣ୍ଠ ବିହାରୀ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ପ୍ରେମାନନ୍ଦ ରାଉତ, ରଶ୍ମିତା ରାଉତ, ଦୀପ୍ତିମୟୀ ଲେଙ୍କା, କାଳନ୍ଦୀ ଚରଣ ସାହୁ, ବିପିନ ବିହାରୀ ଶତପଥୀ, ପ୍ରଭାତି ମହାପାତ୍ର, ଉପଦେଷ୍ଟା ଭାବେ ଇନ୍ଦ୍ରମଣି ନାୟକ, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ନୀଳମଣି ମହାରଣା, ଶରତ କୁମାର ମାଝି, ଲୋକନାଥ ମହାପାତ୍ର ମନୋନୀତ ହୋଇଥିଲେ। ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଉପଦେଷ୍ଟା ଶରତ ଚନ୍ଦ୍ର ମାଝି ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏଥିରେ ୨୦ଜଣ ପରିଷଦ ସଦସ୍ୟ ଓ ୫ ଉପଦେଷ୍ଟା ସମ୍ବିଧାନ ଅନୁଯାୟୀ ମନୋନୀତ ହୋଇଥିଲେ।

## ସପ୍ତାହକୁ ୨ ଦିନ ଦିଆଯିବ ଶିକ୍ଷା


ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ହୁଇଲ ଚେୟାରରେ ବସାଇ ଅଧିକାରୀମାନେ ବଜାର ପରିକ୍ରମା କରାଉଛନ୍ତି।

ପରଜଙ୍ଗ,୪।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ହରିହର ଦେହୁରୀ ଏହାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୭୨ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ହୁଇଲ ଚେୟାରରେ ବସାଇ ପରଜଙ୍ଗ ବଜାର ପରିକ୍ରମା କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ନିର୍ମିତ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରକୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଉଦ୍‌ଘାଟନ କରିଥିଲେ। ସପ୍ତାହର ୨ଦିନ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଏହି ଗୃହରେ ଶିକ୍ଷା ସାଧନ କରାଯିବ। ଏହି କାର୍ଯ୍ୟକ୍ରମରେ ଅଶୋକ ପଣ୍ଡା, ସ୍ୱୟଂପ୍ରଭା ନାୟକଙ୍କ ସମେତ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

## ଡ୍ରାଇଭରଙ୍କୁ ଭୁଜାଲି ଦେଖାଇ ଲୁଟ୍

ଅନୁଗୋଳ ଅଫିସ,୪।୧୨

ଅନୁଗୋଳ ଜିଲା ବନ୍ତଳା ଥାନା ବେଡାବସଲା ନିକଟରୁ ଜଣେ ପିକ୍‌ଅପ୍ ଡ୍ରାଇଭରଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ବେକରେ ଭୁଜାଲି ଲଗାଇ ଟଙ୍କା ଲୁଟ୍ କରି ନେଇଛନ୍ତି। ଏ ନେଇ ଡ୍ରାଇଭର ଦେବଗଡ ଥାନା ସୁନାମୁଣ୍ଡା ଗ୍ରାମର ସୁଜିତ୍ କୁମାର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୧୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସୁଜିତ ପିକ୍‌ଅପ୍ (ନଂ.ଓଡି-୨୮-ଏ-୮୭୬୯) ଯୋଗେ ଭଦ୍ୟାନ ବିଭାଗର ମେଡିସିନ ଧରି ଶନିବାର ରାତିରେ ବେଡା ବସଲା ରାସ୍ତା ଦେଇ କଟକରୁ ଫେରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଭୁଜାଲି ଦେଖାଇ ୩ ହଜାର ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇ ମହୀଧରପୁର ଅଭିମୁଖେ ପଳାଇ ଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## କାରଣ, ନିରାକରଣ ଉପରେ ଆଲୋଚନା

ଛେଣ୍ଡିପଦା,୪।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍‌ରିବନ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ନଗର ପରିକ୍ରମା ସହ ତୁକୁଡ଼ା ସାପ୍ତାହିକ ହାଟରେ ଲୋକଙ୍କୁ ଏଡ୍‌ସ ସମ୍ପର୍କରେ ସଚେତନ କରାଇଥିଲେ। ଏହାପରେ ରେଡ୍‌ରିବନ ସଂଯୋଜକ ଅଧ୍ୟାପକ ଜଗବନ୍ଧୁ ସାହୁଙ୍କ ପରିଚାଳନାରେ ସଭାରେ ବରିଷ୍ଠ ଅଧ୍ୟାପିକା ରେଣୁବାଳା ସାହୁ, ଆଶ୍ୱାସନା ଧିର, ମହେନ୍ଦ୍ର ନାଏକ, ମୁଖ୍ୟ କିରାଣି ମୁରଲୀ ପ୍ରସାଦ ପ୍ରଧାନ, କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ସାହୁ, ସରୋଜ କୁମାର ସାହୁ, ସନାତନ ପ୍ରଧାନ, ମହେଶ୍ୱର ସାହୁ, ବାବୁଲା ସାହୁ, ସତ୍ୟନାରାୟଣ ସାହୁ, ମନୋଜ ସାହୁ ପ୍ରମୁଖ ଯୋଗଦେଇ ଏଡ୍‌ସର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।



ସଭାରେ ଉପସ୍ଥିତ ଅତିଥିମାନେ।

## ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ର ଉଦ୍‌ଘାଟିତ

ଭୁବନ, ୪।୧୨ (ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଅବସରରେ ଅନ୍ତର୍ନିବେଶୀ ଶିକ୍ଷା ସାଧନକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ପକ୍ଷରୁ ଏଥିରେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଓ ବିଡିଓ ଡ. ସୌରଭ କଲ୍ୟାଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ଦିବ୍ୟାଙ୍ଗଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ସମସ୍ତ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସାଧନ କେନ୍ଦ୍ରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ୨୧ ପ୍ରକାରର ଶିକ୍ଷାଦାନ ବ୍ୟବସ୍ଥା ରହିଛି। କମ୍ପ୍ୟୁଟର ଶିକ୍ଷାଦାନ ସହିତ ବ୍ରେଲି ଲେଟର ଶିକ୍ଷା, ଟେଲିଭିଜନ ମାଧ୍ୟମରେ ଶିକ୍ଷା ଓ ଭୌତିକ ଚିକିତ୍ସା ପରି ଅନେକ ପ୍ରକାରର ସୁବିଧା ଯୋଗାଇ ଦିଆଯାଇଛି। ଅଭିଭାବକମାନଙ୍କୁ ମଧ୍ୟ ସଚେତନ କରାଯିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ।



ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଗୋଲାପ ଦେଇ ସଚେତନ କଲେ



ସଚେତନତା ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ରମାନେ।

ଭୁବନ, ୪।୧୨ (ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ଏନ୍‌ସିସି ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ କଲେଜରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ ହେଲମେଟ ପିନ୍ଧି ବାଇକ୍ ଚାଳନା କରିବାକୁ ଲୋକଙ୍କୁ ସଚେତନ କରିଥିଲେ। ଯେଉଁ ଚାଳକ ଟ୍ରାଫିକ ନିୟମ ପାଳନ କରିଥିଲେ, ସେମାନଙ୍କୁ ଗୋଲାପ ଦେଇ ସ୍ୱାଗତ କରିଥିଲେ। ଏନ୍‌ସିସି ଅଫିସର ତଥା ଅଧ୍ୟାପିକା ଦୀପାରାଣି ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର ଅତିଥି ଭାବେ ଯୋଗଦେଇଥିବା ବେଳେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

